## ସଂକ୍ଷେପରେ

### ବସ୍ ଧକ୍କାରେ ଜଣେ ମୃତ

ହିଞ୍ଜିଳିକାଟୁ,୧୨।୩(ଡି.ଏନ.ଏ): ହିଞ୍ଜିଳି ଥାନା ବୁରୁପୋଡ଼ାଠାରେ ବୁଧବାର ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶେରଗଡ଼ ବ୍ଲକ କୁରୁଳା ଗ୍ରାମର ଟୁକୁନା ଦାସ(୨୩)। ବୁଧବାର ଶ୍ୟାମଳାଇ ମନ୍ଦିରରେ ଟୁକୁନାଙ୍କ ବଡ଼ ଭାଇଙ୍କ ବିବାହ ଚାଲିଥଲା। କୌଣସି କାର୍ଯ୍ୟରେ ଟୁକୁନା ମନ୍ଦିର ନିକଟରୁ ଏକ ବାଇକରେ କୁରୁଳା ଯାଇଥିଲେ। ବୁରୁପୋଡ଼ା ମେରୁତୋଟା ନିକଟରେ ଏକ ଘରୋଇ ବସ୍ ଟୁକୁନାଙ୍କୁ ଧକ୍କା ଦେବାରୁ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଟୁକୁନାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ବାଇକ ଓ ବସକୁ ଜବତ କରିଛି। ଏ ନେଇ ନଂ. ୮୦/୨୦ରେ ଏକ ମାମଲା ରୁଜୁ ହୋଇଛି। ବ୍ରହ୍ମପୁର ବଡ଼ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ନିଶାସକ୍ତ ଟ୍ରାକ୍ଟର ଚାଳକଙ୍କୁ କୋର୍ଟଚାଲାଣ

ବୁଗୁଡ଼ା,୧୨।୩(ଡି.ଏନ.ଏ.): ବୁଗୁଡ଼ା ନିକଟସ୍ଥ ବଡ଼ ଶଙ୍ଖଠାରେ ବୁଧବାର ରାତିରେ ପୋଲିସ ଯାନବାହାନ ଯାଞ୍ଚ କରୁଥିବାବେଳେ ଜଣେ ନିଶାସକ୍ତ ଟ୍ରାକ୍ଟର ଚାଳକଙ୍କୁ ଧରିଥିଲେ। ତାଙ୍କୁ ବ୍ରେଥ ଆନାଲାଇଜରରେ ପରୀକ୍ଷା କରାଯାଇଥିଲା। ସେ ନିଶାସକ୍ତ ଥିବା ପରୀକ୍ଷାରୁ ଜଣାପଡ଼ିଥିଲା। ଗୁରୁବାର ସମ୍ପୃକ୍ତ ଚାଳକଙ୍କୁ କୋର୍ଟଚାଲାଣ କରାଯାଇଛି। ସେ ହେଲେ ପୋଲସରା ଥାନା ଜେମାଦେଇପୁର ଶାସନର ବରୁଣ ନାହାକ।

### ସ୍ୱଚ୍ଛତା ନିରୀକ୍ଷଣ କଲେ ଜିଲାପାଳ

ହିଞ୍ଜିଳିକାଟୁ,୧୨।୩(ଡି.ଏନ.ଏ): ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ପୂର୍ବାହ୍ନରେ ହିଞ୍ଜିଳିକାଟୁ ମ୍ୟୁନିସିପାଲିଟିରେ ସ୍ୱଚ୍ଛତା ନିରୀକ୍ଷଣ କରିଥିଲେ। ୧୯ନଂ ୱାର୍ଡ଼ରେ ଏକ ଦେଶୀ ମଦ ଦୋକାନ ନିକଟ ଡ୍ରେନରେ ପଲିଥିନ ପଡ଼ିଥିବା ଓ ସେଠାରେ ଅପରିଷ୍କାର ପରିବେଶ ଦେଖି ସ୍ୱଚ୍ଛତା ନିୟମ ଅବମାନନା କରାଯାଇଥିବା କାରଣରୁ ୧ଲକ୍ଷ ଟଙ୍କା ଜରିମାନା ଆଦାୟ ପାଇଁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଅନ୍ୟାନ୍ୟ ଅଞ୍ଚଳରେ ନିୟମ ଅବମାନନାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସାହୁଙ୍କୁ କହିଥିଲେ। ଏହାପୂର୍ବରୁ ଜିଲାପାଳ ମ୍ୟୁନିସିପାଲିଟିର ସ୍ୱଚ୍ଛତା ନିମନ୍ତେ ପୌର କର୍ମଚାରୀ, ସଫେଇ ସୁପରଭାଇଜର ଓ ସ୍ୱଚ୍ଛ ସାଥୀଙ୍କ ବୈଠକ କରିଥିଲେ। ପ୍ରତିଘରୁ ଅର୍ବଜନା ସଂଗ୍ରହ କିପରି ହେଉଛି ଏହାର ତଦାରଖ ଗୁରତ୍ୱାରୋପ କରିଥିଲେ। ନିୟମ ଅବମାନନା କରୁଥିବା ଓ ଘର ସାମ୍ନାରେ ଅର୍ବଜନା ପକାଉଥିବା ଗୃହକର୍ତ୍ତାଙ୍କୁ ୫ଶହ ଟଙ୍କା ଜରିମାନା ପକାଇବାକୁ କହିଥିଲେ।

### 'ଓଡ଼ିଆ ଏକ ଶ୍ରେଷ୍ଠ ପ୍ରାଚୀନ ଭାଷା'

ପାରଳାଖେମୁଣ୍ଡି,୧୨।୩(ସ୍ୱ.ପ୍ର.): ଗଜପତି ଜିଲା ସଦର ପାରଳାଖେମୁଣ୍ଡିଠାରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଗଜପତି ଜିଲା ଶାଖା ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ ହିତୈଷିଣୀ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଗୌରଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ଉତ୍କଳ ସମ୍ମିଳନୀର ରାଜ୍ୟ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଆ ଭାଷା ଏକ ଶ୍ରେଷ୍ଠ ପ୍ରାଚୀନ ଭାଷା, ଏହାର ସଂରକ୍ଷଣ ଏବଂ ସମୃଦ୍ଧିର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ବୃଷକେତୁ ଦାଶ ଯୋଗଦେଇ ଓଡ଼ିଆ ଅସ୍ମିତାକୁ ଜାଗ୍ରତ ରଖିବା ସହ ତାହର ସୁରକ୍ଷା କରିବା ସମସ୍ତ ଓଡ଼ିଆଙ୍କ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟର ବଟକୃଷ୍ଣ ପାତ୍ର, ଡ. କଲ୍ୟାଣୀ ମିଶ୍ର, ସ୍ୱର୍ଣ୍ଣପ୍ରଭା ପାଠୀ ଯୋଗଦେଇ ଓଡ଼ିଆ ଭାଷା ଉପରେ ଆଲୋକପାତ କରିଥିଲେ।

# ଉଚ୍ଛେଦ ପୂର୍ବରୁ ଦୋକାନ ହଟାଇଲେ

ଗଞ୍ଜାମ,୧୨।୩(ଡି.ଏନ.ଏ.)

ଗଞ୍ଜାମ ସହର ସାନବଜାର ଠାରୁ ତ୍ରିବେଣୀ ମଠ ଛକ ଯାଏ ରାସ୍ତା ସମ୍ପ୍ରସାରଣ ପାଇଁ ଜବରଦଖଲ ଉଚ୍ଛେଦ କରାଯିବ। ଏଥିପାଇଁ ତହସିଲ ପ୍ରଶାସନ ପକ୍ଷରୁ ଗତ ଫେବୃୟାରୀ ୧୦ରେ ଉଭୟ ପାର୍ଶ୍ୱରେ ଥିବା କ୍ଷୁଦ୍ର ବ୍ୟବସାୟୀ ତଥା ଉଠା ଦୋକାନୀଙ୍କୁ ନୋଟିସ ଜାରି କରାଯାଇଥିଲା। ମାର୍ଚ୍ଚ ମାସରେ ଐତିହାସିକ ଦୋଳ ଯାତ୍ରା ଥିବାରୁ ବଣିକ ସଂଘ ଅନୁରୋଧକ୍ରମେ ଯାତ୍ରା ସରିବା ପରେ ଅର୍ଥାତ ମାର୍ଚ୍ଚ ୧୧କୁ ଉଚ୍ଛେଦ ପାଇଁ ଧାର୍ଯ୍ୟ କରାଯାଇଥିଲା। ଉଚ୍ଛେଦ ପୂର୍ବରୁ ବ୍ୟବସାୟୀମାନେ



ଉଚ୍ଛେଦ ପୂର୍ବରୁ କ୍ୟାବିନ ଓ ଛାମୁଡିଆ ହଟାଉଛନ୍ତି।

ବୁଧବାରଠାରୁ କ୍ୟାବିନ ଓ ଏହା ଆଗରେ ଥିବା ଛାମୁଡିଆ ହଟାଉଥିବା ଦେଖିବାକୁ ମିଳିଛି। ମାତ୍ର ବ୍ୟବସାୟୀଙ୍କୁ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ପାଳନ

**ଥଇଥାନ କରା ନ ଗଲେ ଆନ୍ଦୋଳନ ଚେତାବନୀ**

କରିନଥିବା ବଣିକ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଉଠା ଦୋକାନୀ ତଥା କ୍ଷୁଦ୍ର ବ୍ୟବସାୟୀଙ୍କୁ ଏନ୍ଏସି ପ୍ରଶାସନ ପକ୍ଷରୁ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଭେଣ୍ଡିଂ ଜୋନ ନିର୍ମାଣ ତ ଦୂରର କଥା ଏ ଯାଏ ସ୍ଥାନ ଚିହ୍ନଟ ମଧ ହୋଇନି। ଖୁବଶୀଘ୍ର ଥଇଥାନ ବ୍ୟବସ୍ଥା କରାନଗଲେ ବଣିକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଗୋଆରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ଦିଗପହଣ୍ଡି,୧୨।୩(ଡି.ଏନ୍.ଏ.)



ଦିଗପହଣ୍ଡି ବ୍ଲକ କୈଠଖଣ୍ଡି ପଞ୍ଚାୟତ ତଲାଶିଙ୍ଗି ଗ୍ରାମର ଜଣେ ଯୁବକଙ୍କର ଗୋଆରେ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ତଲାସୀଙ୍ଗୀ ଗ୍ରାମ ମାଧବ ମିଶ୍ରଙ୍କ ଏକମାତ୍ର ପୁଅ ଦେବାଶିଷ। ଦେବାଶିଷ ଗୋଆସ୍ଥିତ ଏକ ଷ୍ଟାର ହୋଟେଲରେ କାମ କରୁଥିଲେ। ବୁଧବାର ରାତି ପ୍ରାୟ ୩ ଟାରେ ହୋଟେଲରୁ କାମସାରି ସ୍କୁଟି ଯୋଗେ ଘରକୁ ଫେରୁଥିବାବେଳେ କଲଭର୍ଟରେ ପିଟି ହୋଇଯାଇ ଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିବା ଜଣାପଡ଼ିଛି। ଗୋଆ ପୋଲିସ ଗୁରୁବାର ପୂର୍ବାହ୍ନରେ ଏନେଇ ଦିଗପହଣ୍ଡି ପୋଲିସକୁ ସୂଚନା ଦେବା ପରେ ପୋଲିସ ତଲାସୀଙ୍ଗୀ ଗ୍ରାମରେ ପହଞ୍ଚି ଦେବାଶିଷଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ।

ଦିଗପହଣ୍ଡି ବିଧାୟକ ତଥା ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ଗ୍ରାମବାସୀଙ୍କଠାରୁ ଖବର ପାଇ ମୋ ପରିବାର ରାଜ୍ୟ ସଂଯୋଜକ ଅରୂପ ପଟ୍ଟନାୟକଙ୍କୁ ସୂଚନା ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସେଠାକାର ପୋଲିସ ସହ ଯୋଗାଯୋଗ କରାଯାଇ ମୃତଦେହ ବିମାନ ଯୋଗେ ଶୁକ୍ରବାର ଅଣାଯିବାକୁ ପଦକ୍ଷେପ ନିଆଯାଇଥିବା ବାଚସ୍ପତିଙ୍କ ଅଫିସ ସୂତ୍ରରୁ ଜଣାପଡିଛି।

# ଆଇଜରର ବେଆଇନ ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ

ବ୍ରହ୍ମପୁର ଅଫିସ,୧୨।୩

ବ୍ରହ୍ମପୁର ଆଇଜର ଅନୁଷ୍ଠାନର କୌଣସି ଏକ କାର୍ଯ୍ୟକ୍ରମ ପାଇଁ କରାଯାଇଥିବା ବେଆଇନ ବିଦ୍ୟୁତ ସଂଯୋଗକୁ ସାଉଥକୋ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ବିଚ୍ଛିନ୍ନ କରାଯାଇଛି। ଅନୁଷ୍ଠାନର କୌଣସି ଏକ କାର୍ଯ୍ୟକ୍ରମରେ ଆଲୋକୀକରଣ ପାଇଁ ବ୍ରହ୍ମପୁର ସରକାରୀ ଆଇଟିଆଇକୁ ଲାଗି ରହିଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ବେଆଇନ ଭାବେ ସଂଯୋଗ ଅଣାଯାଇଥିବା ନେଇ ଅଭିଯୋଗ ହୋଇଥିଲା। କୌଣସି ସୂତ୍ରରୁ ଖବର ପାଇ ଏସ୍ଡିଓ ବରୁଣ ଚୌଧୁରୀଙ୍କ ସମେତ ସାଉଥକୋର ଏକ ଦଳ ପହଞ୍ଚି ବେଆଇନଭାବେ ଲଗା ଯାଇଥିବା ତାରକୁ ବିଚ୍ଛିନ୍ନ କରିବା ସହ ତାର ଜବତ କରିଥିବା ସୂଚନା ମିଳିଛି। ସାଉଥକୋର ଏସଡିଓ ଚୌଧୁରୀଙ୍କଠାରୁ ମିଳିଥିବା ସୂଚନା ପ୍ରକାରେ, ଶୁକ୍ରବାର ଆଇଜର ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମ ପାଇଁ ନିକଟସ୍ଥ ଖୁଣ୍ଟରୁ ବେଆଇନ ଭାବେ ବିଦ୍ୟୁତ ସଂଯୋଗ ଅଣାଯାଇଥିବା ନେଇ ଅଭିଯୋଗ ହୋଇଥିଲା। କାର୍ଯ୍ୟକ୍ରମ ପାଇଁ ୬ ଟି ହାଲୋଜେନ ପାଇଁ ଆବଶ୍ୟକ ଏକ କିଲୋୱାଟ୍ ବିଦ୍ୟୁତ ପାଇଁ ବେଆଇନ ସଂଯୋଗ କରାଯାଇଥିଲା। ଖବର ମିଳିବା ପରେ ବିଦ୍ୟୁତ ସଂଯୋଗକୁ ବିଚ୍ଛିନ୍ନ କରିବା ସହ ଅନୁଷ୍ଠାନ ଉପରେ ଜରିମାନା ପକାଯାଇଛି। ତେବେ ଶୁକ୍ରବାର ଆସନ୍ତା ୩ ଦିନ ଧରି ଚାଲିବାକୁ ଥିବା ଅନୁଷ୍ଠାନର କାର୍ଯ୍ୟକ୍ରମ ପାଇଁ ୩ ହଜାର ଟଙ୍କା ଦେୟ ସାଉଥକୋକୁ ପ୍ରଦାନ କରିବାକୁ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଥିବା ଏସଡିଓ ସୂଚାଇଛନ୍ତି।

# ମହିଳାଙ୍କ ଦ୍ୱାରା ଘରୁ ସଂଗ୍ରହ ହେବ ଆବର୍ଜନା

ହିଞ୍ଜିଳିକାଟୁ,୧୨।୩(ଡି.ଏନ.ଏ)

ହିଞ୍ଜିଳିକାଟୁ ମ୍ୟୁନିସିପାଲିଟିରେ ଏଣିକି ଘରକୁ ଘର ବୁଲି ବ୍ୟାଟେରୀଚାଳିତ ଅଟୋରେ ଆର୍ବଜନା ସଂଗ୍ରହ କରିବେ ମହିଳା। ସର୍ଭିସ ପ୍ରୋଭାଇଡ଼ର ଜରିଆରେ ଏହି ବ୍ୟାଟେରୀ ଚାଳିତ ଅଟୋକୁ ମହିଳାଙ୍କ ଦ୍ୱାରା ପରିଚାଳିତ କରାଯିବ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଜଣେ ସଦସ୍ୟା ପ୍ରଭାତୀ ପ୍ରଧାନଙ୍କୁ ଅଟୋ ଚଳାଇବା ନିମନ୍ତେ ମନୋନୀତ କରାଯାଇ ତାଲିମ ପ୍ରଦାନ କରାଯାଇଛି। ବୁଧବାର ଉକ୍ତ ବ୍ୟାଟେରୀ ଚାଳିତ ଅଟୋକୁ ଜୁଡ଼ା ପିଡ଼ି ସୁଦାମ ଚରଣ ମଣ୍ଡଳ ଓ ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ ମନୋରଞ୍ଜନ ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ମହିଳା ଅଟୋ ଚାଳକଙ୍କ ସହ ଜଣେ ସହଯୋଗୀ ଆର୍ବଜନା ସଂଗ୍ରହ ବେଳେ ରହିବେ। ମହିଳାଙ୍କ ଦ୍ୱାରା ଚାଳିତ ଆବର୍ଜନା ସଂଗ୍ରହ ଅଟୋକୁ ମୁଖ୍ୟ ବଜାରରେ ପରୀକ୍ଷା ମୂଳକ ଭାବେ ନିୟୋଜିତ କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ସାହୁ କହିଛନ୍ତି।

# ବନ୍ଦ ଘରୁ ଚୋରି ଅଭିଯୋଗ



କାଗଜପତ୍ର ଏଣେତେଣେ ପଡିଛି।

ପୋଲସରା,୧୨।୩(ଡି.ଏନ.ଏ.)

ଗଞ୍ଜାମ ଜିଲା ପୋଲସରା ସହର ବଜାର ସାହିର ପ୍ରକାଶ ପାତ୍ରଙ୍କ ବନ୍ଦ ଘରୁ ବୁଧବାର ଚୋରି ହୋଇଛି। ପ୍ରକାଶ ଯେ, ପ୍ରକାଶ ଘରେ ହାର୍ଡୱେୟାର ଷ୍ଟୋର କରିଛନ୍ତି। ତାଙ୍କ ପୁଅ ଝିଅ ଓ ସ୍ତ୍ରୀ କୌଣସି କାମରେ ଭୁବନେଶ୍ୱର ଗତ ଶୁକ୍ରବାରରୁ ଯାଇଥିଲେ। ସୋମବାର ପ୍ରକାଶ ମଧ ଭୁବନେଶ୍ୱର ଚାଲି ଯାଇଥିଲେ। ଘରେ ତାଲା ପଡ଼ିଥିଲା। ଗୁରୁବାର ପଡ଼ୋଶୀ ଘର ଲୋକ କୌଣସି କାମରେ ନିଜ ଉପର ଘରକୁ ଯାଇଥିବା ବେଳେ ପ୍ରକାଶଙ୍କ ବାଡ଼ିପଟ କବାଟ ଖୋଲାଥିବା ଦେଖିଥିଲେ। ଫୋନ ଯୋଗେ ପ୍ରକାଶଙ୍କ ପରିବାରକୁ ସୂଚନା ଦେଇଥିଲେ। ସେମାନେ ଆସି ଦେଖିଲା ବେଳକୁ କ୍ୟାସ ବାକ୍ସ ଡ୍ର, ଲୁଗାପଟା, ଆଲମିରା କାଗଜପତ୍ର ଏଣେତେଣେ ପଡ଼ିଛି। ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେଇଥିଲେ। ପୋଲିସ ତଦନ୍ତ କରୁଛି। ଫିଙ୍ଗର ପ୍ରିଣ୍ଟ, ସନ୍ଧାନୀ କୁକୁର ଦ୍ୱାରା ଘଟଣାର ତଦନ୍ତ କରାଯିବ ବୋଲି ଏସ୍ଆଇ କେଶବ ଷଡ଼ଙ୍ଗୀ ସୂଚନା ଦେଇଥିଲେ।

# ଗୋପୀନାଥଙ୍କ ଦୋଳ ମହୋତ୍ସବ

ଛତ୍ରପୁର,୧୨।୩(ଡି.ଏନ.ଏ.)

ଛତ୍ରପୁର ନିକଟ ଲୋକନାଥପୁର ଶାସନରେ ବୁଧବାର ଶ୍ରୀ ଶ୍ରୀ ଗୋପୀନାଥ ଦୋଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡିଆ ଭାଷା ,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରାୟୋଜିତ ୨ ଟି ପ୍ରହଲ୍ଲାଦ ନାଟକ ଦଳ ନୃତ୍ୟ ପରିବେଷଣ କରିଥିଲେ। କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁ କୃଷ୍ଣ ଚରଣ ସାହୁ ବାହାଡଗୋଡାର ପ୍ରହଲ୍ଲାଦ ନାଟକ ଓ ସୀମାଞ୍ଚଳ ଦାସ ବିଡିପୁରର ପ୍ରହଲ୍ଲାଦ ନାଟକ ଅତି ଚମତ୍କାର ଭାବେ ପୂର୍ବାହ୍ନରୁ ରାତି ପର୍ଯ୍ୟନ୍ତ ପରିବେଷଣ କରିଥିଲେ। ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ମୁଖ୍ୟ ଅତିଥି, ଇଂ ରମେଶ ଚନ୍ଦ୍ର ପଟ୍ଟନାୟକ, ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁ ଓ କଳାକାରମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ



ପୂର୍ବତନ ବିଧାୟକ ମାନପତ୍ର ପ୍ରଦାନ କରୁଛନ୍ତି ।

ସମ୍ମାନିତ କରିଥିଲେ। ଟ୍ରଷ୍ଟି ରାଜେନ୍ଦ୍ର ପଣ୍ଡା, ଗ୍ରାମ ମୁଖ୍ୟ ମାଗତା ପଣ୍ଡା, କାଳୀ ଚରଣ ରଥ, ପ୍ରସନ୍ନ କୁମାର ରଥ, ସୂର୍ଯ୍ୟ ନାରାୟଣ ନନ୍ଦ ଓ ରଙ୍କନିଧି ନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ରାଜନୀତି ବିଜ୍ଞାନ ବିଭାଗ ଛାତ୍ରଙ୍କ ବନ୍ଧୁମିଳନ

ପାଟପୁର,୧୨।୩

ସାନଖେମୁଣ୍ଡି ବ୍ଲକ କଙ୍କୋରଡା ବିଜ୍ଞାନ ମହାବିଦ୍ୟାଳୟ ରାଜନୀତି ବିଭାଗ ଶେଷ ବର୍ଷର ଛାତ୍ରଙ୍କ ବନ୍ଧୁ ମିଳନ ସ୍ଥାନୀୟ ଆଡପଡା ଈଶାଣେଶ୍ୱର ମନ୍ଦିରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩ ବର୍ଷରେ ସାମୂହିକ ଭାବେ ଅଧ୍ୟୟନ କରିବାର ମୁହୂର୍ତ୍ତକୁ ଉଜ୍ଜୀବିତ କରିବା ଓ ବନ୍ଧୁତ୍ୱର ଭାବକୁ ବଜାୟ ରଖିବା ଲାଗି ସମସ୍ତ ବିଦ୍ୟାର୍ଥୀଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ରବୀନ୍ଦ୍ର ବେହେରା ଯୋଗଦେଇ ବିଦ୍ୟାର୍ଥୀଙ୍କ ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ପରବର୍ତ୍ତୀ ସମୟରେ ଈଶାଣେଶ୍ୱର ମନ୍ଦିର ପରିସରକୁ ସଫା କରାଯାଇଥିଲା।

# ଶାଶୁଙ୍କୁ ମାଡମାରି ଲୁଟ୍ ଅଭିଯୋଗ: ଜେଲ୍ ଗଲେ ଜ୍ୱାଇଁ

ଗୋପାଳପୁର,୧୨।୩

ଶାଶୁଙ୍କୁ ମାଡ଼ ମାରି ଟଙ୍କା ଓ ସୁନା ଗହଣା ଲୁଟ୍ ଅଭିଯୋଗରେ ଜ୍ୱାଇଁଙ୍କୁ ଜେଲ ଯିବାକୁ ପଡିଛି। ଏପରି ଘଟଣା ଘଟିଛି ଗୋପାଳପୁର ଥାନା ଅଞ୍ଚଳରେ। ଗିରଫ ଅଭିଯୁକ୍ତ ହେଲେ ବାହାଦୁରପେଟା ଗ୍ରାମର ସୁବାସିନୀ ବିଶ୍ୱାଳଙ୍କ ଝିଅ ସହ କଟକ ଜିଲା ବାଲିଝରି ଗ୍ରାମର ରଞ୍ଜିତ କୁମାର ନାୟକଙ୍କର ବିବାହ ହୋଇଥିଲା। ଗତ ଜାନୁୟାରୀରେ ଜ୍ୱାଇଁ ରଞ୍ଜିତ ଶାଶୁଘରକୁ ଆସିଥିଲେ। କୌଣସି ବିଷୟକୁ ନେଇ ଶାଶୁ ଓ ଜ୍ୱାଇଁଙ୍କ ମଧ୍ୟରେ କଳହ ହୋଇଥିଲା। ଜାନୁଆରୀ ୮ରେ ସୁବାସିନୀ ଘରେ ଏକୁଟିଆ ଥିବା ସୁଯୋଗ ନେଇ ରଞ୍ଜିତ ତାଙ୍କୁ ଧମକଚମକ ଦେଇ ନିସ୍ତୁକ ମାଡ଼ ମାରିବା ସହ ଦେଢ଼ ଲକ୍ଷ ଟଙ୍କା ଓ ଦୁଇତୋଳା ସୁନା ଲୁଟି ନେଇ ଚମ୍ପଟ ମାରିଥିଲେ। ଫେବୃୟାରୀ ୧୫ରେ ସୁବାସିନୀ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ.୨୦/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଗୁରୁବାର ଆମ୍ବପୁଆ ନିକଟରୁ ରଞ୍ଜିତଙ୍କୁ ଗିରଫ କରିଥିବା ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

# ଭଣଜାଙ୍କୁ ଆକ୍ରମଣ, ମାମୁ, ମାଇଁ ଗିରଫ

ବୁଗୁଡ଼ା,୧୨।୩(ଡି.ଏନ.ଏ.)

ବୁଗୁଡ଼ା ଥାନା ବିରଞ୍ଚିପୁର ଗ୍ରାମରେ ଭଣଜାଙ୍କୁ କାତିରେ ଆକ୍ରମଣ କରିବା ଅଭିଯୋଗରେ ବୁଗୁଡ଼ା ପୋଲିସ ଗୁରୁବାର ମାମୁ ଓ ମାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ବିରଞ୍ଚିପୁରର ଟୁକୁନା ବେହେରା ଓ ମାଇଁ ମାଲୁଣୀ ବେହେରା। ଏନେଇ ବୁଗୁଡ଼ା ଥାନାରେ ନଂ.୫୮/୨୦ରେ ଏକ ମାମଲା ରୁଜୁ ହୋଇଥିଲା।

ପ୍ରକାଶ ଯେ, କୌଣସି କଥାକୁ ନେଇ ଟୁକୁନା ଓ ମାଲୁଣୀଙ୍କ ମଧ୍ୟରେ ୨ମାସରୁ ଉର୍ଦ୍ଧ୍ୱ ହେଲା ମନାନ୍ତର ହେଉଥିଲା। ଭଣଜା ବାବୁଲା ମାମୁଙ୍କ ଆଗରେ ତାଙ୍କ ବିରୋଧରେ କହିଥିବାରୁ ଏପରି ହୋଇଥିବା ମାଇଁ ମାଲୁଣୀ ସନ୍ଦେହ କରିଥିଲେ। ଏହାର ସତ୍ୟତା ଜାଣିବା ପାଇଁ ବାବୁଲାଙ୍କୁ ବୁଧବାର ଡ଼ାକି ପଚାରିବାରୁ ସେ କିଛି କହି ନ ଥିଲେ। ପରେ ମାଇଁ ରାଗିଯାଇ ଏକ କାତିରେ ତାଙ୍କୁ ଆକ୍ରମଣ କରିଥିଲେ। ମାମୁ ମଧ ଏଥିରେ ସହଯୋଗ କରିଥିଲେ। ଏନେଇ ବାବୁଲା ଥାନାରେ ଅଭିଯୋଗ କରିବା ପରେ ଉଭୟଙ୍କୁ ପୋଲିସ ଗିରଫ କରିଥିଲା।

# ମୁଖ୍ୟ ରାସ୍ତା ପାର୍ଶ୍ୱରେ କୃତ୍ରିମ ନର୍ଦ୍ଦମା

ପାରଳାଖେମୁଣ୍ଡି,୧୨।୩(ସ୍ୱ.ପ୍ର.)

**ଦୀର୍ଘ ଦିନ ପରେ ବି ସୁଧୁରୁନି ସମସ୍ୟା**

ଗଜପତି ଜିଲା ସଦର ପାରଳାଖେମୁଣ୍ଡିସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ସମ୍ମୁଖ ମୁଖ୍ୟରାସ୍ତାରେ ଦୀର୍ଘ ଦିନ ହେଲା ଆବର୍ଜନା ପାଣି ଜମି ରହି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିବା ନଜରକୁ ଆସିଛି। ପ୍ରାୟ ୨ ବର୍ଷ ତଳେ ଏହି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହି ସମୟରେ କୌଣସି ପାଇପ୍ ଲାଇନ୍ ଫାଟି ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ପାଣି ଜମିରହି ଏଠାରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏହ ରାସ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ ଦେଇ ଯାଇଥିବାବେଳେ ରାସ୍ତାର ଅନ୍ୟ ପାର୍ଶ୍ୱରେ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ଆଞ୍ଚଳିକ ପରିବହନ ବିଭାଗ, ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗର ୩ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଗ, କୃଷି ବିଭାଗ ଆଦି କାର୍ଯ୍ୟାଳୟକୁ ସଂଯୋଗ କରୁଛି। ସେହିପରି ଏହି ରାସ୍ତାରେ ପ୍ରତ୍ୟେକଦିନ ଶହ ଶହ ଯାନବାହନ ଯାତାୟାତ କରିଥାଏ। ଲୋକେ ବିଭିନ୍ନ କାର୍ଯ୍ୟାଳୟକୁ ଯାଇଥାନ୍ତି। ତଥାପି ସମସ୍ୟାର ସମାଧାନ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ସେହିପରି ମ୍ୟାଲେରିଆ, ଡେଙ୍ଗୁରୁ ଦୂରେଇ ରହିବା ପାଇଁ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ସରକାରଙ୍କ ପକ୍ଷରୁ କରାଯାଉଛି। ହେଲେ ଏଠାରେ ଦୀର୍ଘଦିନ ଧରି ପାଣି ଜମି ରହି ମଶା ବଂଶ ବଢୁଥିଲେ ମଧ କୌଣସି ପଦକ୍ଷେପ ନିଆ ନ ଯିବାକୁ ନେଇ ସହରବାସୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତେଣୁ ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ଦାବି ହୋଇଛି।

# ପଦ୍ମନାଭପୁରରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା

ଦିଗପହଣ୍ଡି,୧୨।୩(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଓ ବ୍ଲକ ପ୍ରଶାସନର ମିଳିତ ଆନୁକୁଲ୍ୟରେ ବ୍ଲକ ସ୍ତରୀୟ କର୍ମନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ହଳଧର ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧି, ବ୍ଲକ ପ୍ରଗତି ସହାୟକ ତଥା ଜିପିଓ ଉମେଶ ଚନ୍ଦ୍ର ସେଠୀ, ବ୍ଲକ ସାମାଜିକ ସମୀକ୍ଷକ ଶଙ୍କର ମିଶ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୌରାଙ୍ଗ ଲେଙ୍କା, ଗ୍ରାମ ରୋଜଗାର ସେବକ ସନ୍ତୋଷ ସାହୁ, କାର୍ଯ୍ୟକ୍ରମ ସଂଯୋଜକ ଆଲୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଦୀନଦୟାଲ




ମେଳାରେ ଉପସ୍ଥିତ ଅତିଥି ବୃନ୍ଦ।

ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା ଓ ରାଜ୍ୟ ପଞ୍ଚାୟତ ରାଜ ବିଭାଗର ଓରମାସ ସହାୟତାରେ ସରକାରୀ ପ୍ରଯୋଜିତ ମାଗଣା ପ୍ରଶିକ୍ଷଣ ଓ କର୍ମନିଯୁକ୍ତି ପରେ ଭଲ ରୋଜଗାରର ସୁଯୋଗ ନିମନ୍ତେ ଅନୁଷ୍ଠିତ ମେଳାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୦ଟି ଘରୋଇ କମ୍ପାନୀ ଯୋଗଦେଇ ସେମାନଙ୍କର ବିଭିନ୍ନ ବିଭାଗ ପାଇଁ ଉଭୟ କୁଶଳୀ ଓ ଅଣକୁଶଳୀ ଯୁବତୀ ଯୁବକ ମାନଙ୍କୁ ମନୋନୀତ କରିଥିଲେ। ୧୫୦ ଯୁବତୀଯୁବକ ନାମ ପଞ୍ଜିକୃତ କରିଥିବାବେଳେ ପ୍ରାୟ ଶହେ ଜଣଙ୍କୁ ବିଭିନ୍ନ କମ୍ପାନୀର ନିଯୁକ୍ତି ପାଇଁ ମନୋନୀତ କରାଯାଇଥିବା ଜଣାପଡ଼ିଛି।

# ସଂକ୍ଷେପରେ

## ଦେଶୀ ପିସ୍ତଲ ସହ ନମ୍ବରବିହୀନ କାର ଜବତ, ଜଣେ ଗିରଫ

**କ.ନୂଆଗାଁ,୧୨।୩(ଡି.ଏନ୍.ଏ.):** କନ୍ଧମାଳ ଜିଲା କ.ନୂଆଗାଁ ଥାନା ଓଆଇସି ପ୍ରକାଶ ଚନ୍ଦ୍ର ପ୍ରଧାନ ପାଟ୍ରୋଲିଂ କରୁଥିବାବେଳେ କୁଡୁତୁଲି ପଞ୍ଚାୟତ ନିକଟରେ ଏକ ନମ୍ବରବିହୀନ କାର ଦେଖି ଅଟକାଇଥିଲେ। ଯାଞ୍ଚବେଳେ ସେଥିରୁ ଏକ ଦେଶୀ ପିସ୍ତଲ ସହ ୫ ଗୁଳି ମିଳିଥିଲା। ଏଥିସହ କାର ଭିତରେ ବିଭିନ୍ନ ନମ୍ବର ଥିବା ୪ଟି ନମ୍ବର ପ୍ଲେଟ ମଧ ମିଳିଛି। ଗାଡିରେ ଥିବା କୁଡୁତୁଲି ପଞ୍ଚାୟତ ମୁଣ୍ଡାରଗାଁର ସଚିନ ଦିଗାଲ (୨୮)ଙ୍କୁ ଗିରଫ କରିବା ସହ ନଂ.୧୦/୨୦ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି। ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ଚାଳକ ବିଭିନ୍ନ ନମ୍ବର ପ୍ଲେଟ ଲଗାଇ ଗଞ୍ଜେଇ ଚାଲାଣ କରୁଥିବା ଜଣାପଡିଛି ବୋଲି ଥାନା ଅଧିକାରୀ ଶ୍ରୀନିବାସ ସାମଲ କହିଛନ୍ତି।

## ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ

**ଦାରିଙ୍ଗବାଡ଼ି,୧୨।୩(ଡି.ଏନ.ଏ):** ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ନୂତନ ବିଡିଓ ଭାବେ ମାତାରାମ ଲେୟାଙ୍ଗି ଦାୟିତ୍ୱ ଗ୍ରହଣ କରିଛନ୍ତି।



ସେ ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଲେୟାଙ୍ଗି ପୂର୍ବରୁ କୋରାପୁଟ ଜିଲା ଜୟପୁରରେ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ସେହିପରି ଏଠାରେ କାର୍ଯ୍ୟରତ ବିଡିଓ ଦଳେଇଙ୍କୁ କୋଟପାଟ ତହସିଲଦାର ଭାବେ ବଦଳି କରାଯାଇଛି। ନୂତନ ବିଡିଓ ଭାବେ ଦାୟିତ୍ୱ ନେବାପରେ ଲେୟାଙ୍ଗି କହିଛନ୍ତି, ଅଞ୍ଚଳର ସାଧାରଣ ଲୋକ ବ୍ଲକକୁ ଆସି କୌଣସି କାର୍ଯ୍ୟରେ ଯେଭଳି ନିରାଶ ନହେବେ ସେଥିପ୍ରତି ଗୁରୁତ୍ୱ ଦେବାସହ ସରକାରଙ୍କ ୫-ଟିକୁ ମଧ ଗୁରୁତ୍ୱ ଦେବେବୋଲି କହିଛନ୍ତି।

## ଗାଡ଼ି ଧକ୍କାରେ ୪ ଗୋରୁ ମୃତ

**ଖଜୁରିପଡା(ଡି.ଏନ.ଏ.)/ବଲସକୁମ୍ପା, ୧୨।୩:** ଖଜୁରିପଡା ବ୍ଲକ ପିରିକୁଡି ପଞ୍ଚାୟତର ବରଗଛ ଛକ ରେଷ୍ଟହାଉସ ସାମ୍ନାରେ ଅଜଣା ଗାଡ଼ି ଧକ୍କାରେ ୪ ଗୋରୁଙ୍କ ମୃତ୍ୟୁ ହୋଇଛି। ଏନେଇ ସ୍ଥାନୀୟ ଲୋକେ ଫୁଲବାଣୀ-ଭୁବନେଶ୍ୱର ସଂଯୋଗ କରୁଥିବା ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ପ୍ରକାଶ ଯେ, ବୁଧବାର ରାତି ପ୍ରାୟ ସାଢେ ୨ଟାରେ ଗୋରୁପଲ ରାସ୍ତା ପାର ହେଉଥିବାବେଳେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ହିଁ ୪ ଗୋରୁଙ୍କ ମୃତ୍ୟୁ ହୋଇଥିଲା। ଗୁରୁବାର ସକାଳେ ଅଞ୍ଚଳବାସୀ ଏହା ଦେଖିବା ପରେ ରାସ୍ତା ଅବରୋଧ କରିଥିଲେ। ପ୍ରାଣୀଧନ ଚିକିତ୍ସକ, ଆର୍‌ଆଇ ଏବଂ ପୋଲିସ ବାହିନୀ ଆସି ଜନସାଧାରଣଙ୍କୁ ବୁଝାଶୁଝା କରିବା ପରେ ଅବରୋଧ ହଟିଥିବା ସରପଞ୍ଚ ସାରଳା ମାଲିକ ଏବଂ ପୂର୍ବତନ ସରପଞ୍ଚ ଉମାଚରଣ ମାଲିକ ଗଣମାଧମକୁ ସୂଚନା ଦେଇଛନ୍ତି।

# ଶ୍ମଶାନ ସ୍ଥାନ, ନାଳରେ ଆବର୍ଜନାକୁ ନେଇ ଅସନ୍ତୋଷ

**ଫୁଲବାଣୀ ଅଫିସ, ୧୨।୩**



ବୈଠକରେ ଉପସ୍ଥିତ ବିଭିନ୍ନ ସାହିର ଲୋକେ।

ଫୁଲବାଣୀ ପୌର ପରିଷଦ ଅଧୀନ ପେଣ୍ଡିସାହିର ଶ୍ମଶାନ ସ୍ଥାନକୁ ଏବେ ପୌର ପରିଷଦ ନିଜ ଦଖଲକୁ ନେଇଛି। ଶ୍ମଶାନ ପାଇଁ ପୌର ପରିଷଦ ଅନ୍ୟତ୍ର ସ୍ଥାନ ଯୋଗାଇ ଦେବ ବୋଲି ପୂର୍ବରୁ କହି ଆସୁଥିଲେ ମଧ ଏ ପର୍ଯ୍ୟନ୍ତ ଯୋଗାଇ ପାରିନାହିଁ। ତେଣୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ସାହି ଲୋକେ ଚଳପ୍ରଚଳ ହେଉଥିବା ନାଳ ଏବଂ ଏହା ପାଖରେ ପୌର ପରିଷଦ ପକ୍ଷରୁ ଅଳିଆ ପକାଯାଉଛି। ତେଣୁ ନାଳ ପାଣି ଆଉ ବ୍ୟବହାର ଉପଯୋଗୀ ହୋଇପାରୁନି। ଏସବୁସମସ୍ୟା ନେଇ ଗୁରୁବାର ସାହିବାସିନ୍ଦା ଏକାଠି ହୋଇ ଏକ ବୈଠକ କରିଛନ୍ତି। ତୁରନ୍ତ ସମସ୍ୟା ସମାଧାନ ପାଇଁ ପୌର ପରିଷଦ ପଦକ୍ଷେପ ନ ନେଲେ ଆସନ୍ତା ୧୮ ତାରିଖରେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ପେଣ୍ଡିସାହି ନଦୀ ତଟରେ ଥିବା ଶ୍ମଶାନରେ ସାହିବାସିନ୍ଦା ପୂର୍ବରୁ ମୃତଦେହ ଦାହ କରି ଆସୁଥିବା ବେଳେ ଏବେ ସେଠାରେ ବାଡ କରାଯାଇ ଉକ୍ତ ସ୍ଥାନକୁ ସଫାସୁତରା କରାଯାଇଛି। ସେଠାରେ ଘର କିମ୍ବା ଅନ୍ୟ ଅନୁଷ୍ଠାନ କରାଗଲେ ସମସ୍ୟା ଦେଖାଦେବ। ସେହିପରି ପାଖରେ ଯାଇଥିବା ନାଳ ନିକଟରେ ଅଳିଆ ଆବର୍ଜନା ଗଦା କରାଯାଉଛି। ଏହା ପାଣିରେ ମିଶୁଛି। ବିକଳ୍ପ କିଛି ନ ଥିବାରୁ ସ୍ଥାନୀୟ ଲୋକେ ସେଠାରେ ଗାଧୋଇବାକୁ ବାଧ ହେଉଛନ୍ତି। ଏହି ଅପରିଷ୍କାର ପାଣିରେ ଗାଧୋଇ କେତେଜଣ ଚର୍ମ ରୋଗରେ ଆକ୍ରାନ୍ତ ହେଲେଣି। ତଥାପି ପୌର ପରିଷଦ କିଛି ଶୁଣୁନାହିଁ। ଆଗାମୀ ଦିନରେ ଏସବୁ ସସମ୍ୟା ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଶ୍ରୀପତି ମଲ୍ଲିକ, ରବୀନ୍ଦ୍ର କହଁର, ହେମନ୍ତ ମୁଖି, ପ୍ରଦୀପ ମାଝି, ବିଜୟ କହଁର, ଧିର କହଁର ପ୍ରମୁଖ ପ୍ରକାଶ କରିଛନ୍ତି। ଏ ନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ବଳଦେବ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଶ୍ମଶାନ ନିକଟରେ ଅନ୍ୟକେହି ବାଡ କରିଥିଲେ। ତହସିଲଦାରଙ୍କୁ କୁହାଯାଇ ତାହାକୁ ଭଙ୍ଗାଯାଇଛି। ସେହିପରି ନାଳ ନିକଟରେ ଆଉ ଆବର୍ଜନା ପଡିବ ନାହିଁ। ଡମ୍ପିଂୟାର୍ଡ ହେଲା ପରେ ସବୁ ଆବର୍ଜନା ସେଠାକୁ ଯିବ ବୋଲି ନିର୍ବାହୀ ଅଧିକାରୀ ବେହେରା କହିଛନ୍ତି। ସୂଚନାଯୋଗ୍ୟ, ପେଣ୍ଡିସାହି ଶଶ୍ମାନ ଉପରେ ଇରିଗେଶନ କଲୋନୀ, ଅରବିନ୍ଦ ନଗର, ଏଫସିଆଇ ଛକ, ପେଣ୍ଡିସାହି, ଗୌଡ ସାହି, ମୁଖି ସାହି, ବିଡାଙ୍ଗି ସାହି, ବାଇଖୋଲ ସାହି, ଶଗଡିଆ ସାହି, ଗୋପାଳ ସାହି, ଅମଲାପଡା, ଓଲେନବେଚ ନଗର, ଓଏନ୍‌ଏସି ସାହିର ଲୋକେ ନିର୍ଭର କରନ୍ତି।

# ନିଯୁକ୍ତି ବୟସ ସୀମା ବଢ଼ାଇବାକୁ ଦାବି

**ଫୁଲବାଣୀ ଅଫିସ, ୧୨।୩**

ନିଯୁକ୍ତି ନିମନ୍ତେ ବୟସ ସୀମା ୩୨ ବର୍ଷରୁ ୪୪ ବର୍ଷକୁ ବୃଦ୍ଧି କରିବା ପାଇଁ ସରକାର ନିଷ୍ପତ୍ତି ନେଇ ବିଜ୍ଞପ୍ତି ପ୍ରକାଶ କରିବାକୁ ବାରମ୍ବାର ଦାବି ହୋଇ ଆସୁଛି। ବେକାର ଯୁବତୀଯୁବକ ମାନେ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରୁଛନ୍ତି। କନ୍ଧମାଳ ଜିଲାର ବରିଷ୍ଠ ନାଗରିକ ସମାଜ, ଜିଲା ସେବା ନିବୃତ କର୍ମଚାରୀ ଶିକ୍ଷକ ବିକାଶ ମଞ୍ଚ, ଜିଲା ଯାଦବ (ଗୋପାଳ) ସମାଜ ମଧ ଏ ବିଷୟରେ ବାରମ୍ବାର ଦାବି କରି ଆସୁଛି। ସେହିପରି ବିରୋଧୀଦଳର ପ୍ରାକ୍ତନ ନେତା ତାରାପ୍ରସାଦ ବାହିନୀପତି, ନରସିଂହ ମିଶ୍ର, ଭାଜପା ନେତା ପ୍ରଦୀପ୍ତ କୁମାର ନାୟକଙ୍କ ସମେତ କିଛି ବିଧାୟକ ମଧ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିଲେ। ଉତ୍ତରରେ ପ୍ରାକ୍ତନ ଅର୍ଥମନ୍ତ୍ରୀ ଶଶୀ ଭୂଷଣ ବେହେରା ଏବଂ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ରାଜ୍ୟସରକାରଙ୍କ ତରଫରୁ ଏହା କାର୍ଯ୍ୟକାରୀ କରାଯିବାକୁ ବିଚାରାଧୀନ ଅଛି ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରା ନ ଯିବା ଅତ୍ୟନ୍ତ କ୍ଷୋଭ ଏବଂ ନିନ୍ଦାର ବିଷୟ ବୋଲି ଜିଲାର ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

ରାଜ୍ୟରେ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ରାଜନୈତିକ ଦଳଗୁଡିକ ଏ ଦିଗରେ ଚିନ୍ତା ନ କରି କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ଏବେ ସବୁଠି ପ୍ରଶ୍ନ ଉଠୁଛି। ଅନ୍ୟ ପଡୋଶୀ ରାଜ୍ୟ ଭଳି ନିଯୁକ୍ତି ନିମନ୍ତେ ବୟସ ସୀମା ରାଜ୍ୟ ସରକାର ୩୨ରୁ ୪୪ବର୍ଷକୁ ତୁରନ୍ତ ବୃଦ୍ଧି କରିବାକୁ ଜିଲା ବରିଷ୍ଠ ନାଗରିକ ସମାଜ ଉପ ସଭାପତି ସୁରେଶ କୁମାର ପଟ୍ଟନାୟକ, କାଶୀନାଥ ମହାରଣା, ବେଣୁ ପ୍ରଧାନ, ପ୍ରାକ୍ତନ ଶିକ୍ଷକ ନେତା ଶରତ ଚନ୍ଦ୍ର ମହାନ୍ତି, ଭରତ ପାତ୍ର, ମୃତ୍ୟୁଞ୍ଜୟ ସାହୁ ଏବଂ ଜିଲା ଯାଦବ (ଗୋପାଳ) ସମାଜ ନେତା ବିଶ୍ୱନାଥ ବଗର୍ତ୍ତୀ, ସୋମନାଥ ବଗର୍ତ୍ତୀ ଏବଂ କପ୍ତାନ ବଗର୍ତ୍ତୀ ପ୍ରମୁଖ ଏକ ମିଳିତ ପ୍ରେସ୍ ବିଜ୍ଞପ୍ତିରେ ଦାବି କରିଛନ୍ତି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ମଞ୍ଚାସୀନ ଅତିଥି ।

**ଭଞ୍ଜନଗର,୧୨।୩(ଡି.ଏନ.ଏ)**

ଭାରତ ମାନବ ଅଧିକାର ନ୍ୟାୟ ପରିଷଦ ଓ ଓଗା ଟ୍ରଷ୍ଟର ମିଳିତ ସହଯୋଗରେ ଗୁରୁବାର ଭଞ୍ଜନଗର ପରିବା ମାର୍କେଟ ଛକରେ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଗାଡି ଚଳାଇବା ବେଳେ ଯେଉଁମାନେ ହେଲମେଟ୍ ଏବଂ ସିଟ୍‌ବେଲ୍ଟ ବ୍ୟବହାର କରିଥିଲେ ସେମାନଙ୍କୁ ଗୋଲାପ ଫୁଲ ଦିଆଯାଇଥିଲା । ଯେଉଁମାନେ ହେଲମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର କରି ନ ଥିଲେ ସେମାନଙ୍କୁ ସଙ୍କଳ୍ପପତ୍ର ମାଧ୍ୟମରେ ସଚେତନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରୟ, ଥାନା ଅଧିକାରୀ ସୁଦିପ୍ତ ସାହୁ, ସାମାଜିକ କର୍ମୀ ଶୂଳପାଣୀ ଶତପଥୀ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ଆଇନ ସମ୍ପର୍କରେ କହିଥିଲେ ।

# ଅଧାପନ୍ତରିଆ ଶ୍ରେଣୀଗୃହ କାମ ସରିଲା

**ଫିରିଙ୍ଗିଆ,୧୨।୩**



ନୂତନ ଶ୍ରେଣୀଗୃହ।

ଫିରିଙ୍ଗିଆ ବ୍ଲକ ଟେଲାପାଲି ସେବାଶ୍ରମରେ ଦୀର୍ଘବର୍ଷ ଧରି ଅଧାପନ୍ତରିଆ ଅବସ୍ଥାରେ ପଡି ରହିଥିବା ଶ୍ରେଣୀଗୃହ କାର୍ଯ୍ୟ ସରିଛି। ନୂତନ ଶ୍ରେଣୀଗୃହରେ ଛାତ୍ରୀଛାତ୍ରମାନେ ବସି ପଢ଼ିଲେଣି। ପୂର୍ବରୁ ଶ୍ରେଣୀଗୃହ ଅଭାବ କାରଣରୁ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ପ୍ରଶାସନ ତତ୍ପର ହୋଇ ତୁରନ୍ତ କାର୍ଯ୍ୟ ସାରିବା ଉପରେ ଗୁରୁତ୍ୱ ଦେଇଥିଲା।

ଟେଲାପାଲି ସେବାଶ୍ରମ ୧୯୪୮ ମସିହାରେ ସ୍ଥାପିତ ହୋଇଥିଲା। ଏଠାରେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପଢୁଥିଲେ ମଧ ମାତ୍ର ୩ଟି ଶ୍ରେଣୀ ଗୃହ ଥିଲା। ସମସ୍ତ ଗୃହ ମଧ ଭଙ୍ଗାରୁଜା ଅବସ୍ଥାରେ ଥିଲା। ଅସୁବିଧାକୁ ଦେଖି ପ୍ରାୟ ୮ ବର୍ଷ ପୂର୍ବେ ୪ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ତାହା ସରିବା ନାଁ ଧରୁ ନ ଥିଲା। ଠିକାଦାର

**ଧରିତ୍ରୀ ପ୍ରଭାବ**

ଜଣକ କାମ ଅଧାପନ୍ତରିଆ କାର୍ଯ୍ୟ କରି ଛାଡି ଯାଇଥିଲେ। ଧରିତ୍ରୀରେ ଏ ନେଇ ଖବର ପ୍ରକାଶ ପାଇବା ପରେ ଆଇଟିଡିଏ ପକ୍ଷରୁ ତତ୍ପରତା ଆରମ୍ଭ ହୋଇଥିଲା। ସମ୍ପୃକ୍ତ ଠିକାଦାରଙ୍କୁ ଡାକି ତୁରନ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୪ ମାସ ମଧ୍ୟରେ ଉକ୍ତ କାର୍ଯ୍ୟ ଶେଷ ହୋଇଛି। ସୂଚନାଯୋଗ୍ୟ, ସେବାଶ୍ରମରେ ପ୍ରଥମରେ ୧୫, ଦ୍ୱିତୀୟରେ ୧୯, ତୃତୀୟରେ ୧୮, ଚତୁର୍ଥରେ ୧୦, ପଂଚମରେ ୧୫, ଷଷ୍ଠରେ ୫, ସପ୍ତମରେ ୯ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମୋଟ ୯୧ ପିଲାଙ୍କ ମଧ୍ୟରେ ୪୦ ଜଣ ସେବାଶ୍ରମରେ ରହୁଛନ୍ତି।

# କରୋନା ସଚେତନତା, ଛାତ୍ରୀଛାତ୍ରଙ୍କୁ ରୁମାଲ ବଣ୍ଟନ

**ଭଞ୍ଜନଗର,୧୨।୩(ଡି.ଏନ.ଏ)**

ଭଞ୍ଜନଗର ସରକାରୀ ଟାଉନ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର କରୋନା ଭୂତାଣୁ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା ଏହାପରେ ଛାତ୍ରୀଛାତ୍ରଙ୍କୁ ରୁମାଲ ବଣ୍ଟା ଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ନିଳିମା କୁମାରୀ ମହାପାତ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ସଭାପତି ବିପିନ ବିଷୋୟୀ, ସାମାଜିକ କର୍ମୀ ଶୂଳପାଣି ଶତପଥୀ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ନିୟମିତ କିଭଳି ହାତ ସଫା ରଖିବେ, ପରିବେଶ ସଫା ରଖିବେ ସେ ସମ୍ପର୍କରେ କହିଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁନନ୍ଦା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଧାର ଟଙ୍କା ମାଗି ଯିବାବେଳେ ମହିଳାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

**ଦାରିଙ୍ଗବାଡ଼ି,୧୨।୩(ଡି.ଏନ.ଏ)**



ଗିରଫ ଶରତ ପ୍ରଧାନ।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଜଣେ ମହିଳା ପଡୋଶୀଙ୍କୁ ଧାର ଦେଇଥିବା ଟଙ୍କା ମାଗିବାକୁ ଯିବାବେଳେ ବଳାତ୍କାରର ଶୀକାର ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ନଂ.୩୭/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ସମ୍ପୃକ୍ତ ଗ୍ରାମର ଶରତ ପ୍ରଧାନ ବୋଲି ଥାନା ଅଧିକାରୀ କୌଶିକ ମାଝି କହିଛନ୍ତି। ପ୍ରକାଶ ଯେ, ପୀଡିତା ମହିଳା ତାଙ୍କ ପଡ଼ିଶା ଘରର ମହିଳାଙ୍କୁ ଶହେ ଟଙ୍କା ଧାର ଦେଇଥିଲେ। ଉକ୍ତ ଟଙ୍କା ମାଗିବାକୁ ୨ଦିନ ତଳେ ସେ ତାଙ୍କ ଘରକୁ ଯାଇଥିଲେ। ଟଙ୍କା ଧାର ନେଇଥିବା ମହିଳା ଘରେ ନ ଥିବାବେଳେ ତାଙ୍କ ସ୍ୱାମୀ ଶରତ ଏକୁଟିଆ ଥିଲେ। ଧାର ଦେଇଥିବା ମହିଳା ଘର ଭିତରେ ପଶିବା କ୍ଷଣି ଶରତ ଭିତରପଟୁ କବାଟ ବନ୍ଦ କରିବା ସହ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏନେଇ କାହାକୁ ନକହିବାକୁ ଶରତ ଧମକ ଦେଇଥିଲେ। ମାତ୍ର ମହିଳା ଜଣକ ସ୍ୱାମୀଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ କରିଥିଲେ।

# ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି

**ଜି.ଉଦୟଗିରି,୧୨।୩(ଡି.ଏନ୍.ଏ.)**

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ସହିତ ମହାନଦୀ ଜଳ ସମସ୍ୟାର ସମାଧାନ, ପୋଲାଭରମ ପ୍ରକଳ୍ପକୁ ବନ୍ଦ କରିବା ଦାବିରେ ୨୪୭ ଦିନର ପଦଯାତ୍ରାରେ ୫ ହଜାର କି.ମି ଅତିକ୍ରାନ୍ତ କରି ଜି.ଉଦୟଗିରିରେ ପହଞ୍ଚିଛନ୍ତି ଜନ ସଚେତନତା ମଞ୍ଚ ଆବାହକ ସତ୍ୟବ୍ରତ ଦାସ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜି.ଉଦୟଗିରି ବିଡ଼ିଓ ଶାନ୍ତନୁ କୁମାର ନାୟକଙ୍କୁ ପ୍ରଦାନ କରିଛନ୍ତି। ଏନେଇ ସତ୍ୟବ୍ରତଙ୍କ କହିଛନ୍ତି, ଓଡ଼ିଶା ଏକ ଏଭଳି ରାଜ୍ୟ ଯାହାକି ପ୍ରତ୍ୟେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ତେଣୁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିବା ଆବଶ୍ୟକ। ସତ୍ୟବ୍ରତଙ୍କୁ ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ବରିଷ୍ଠ କିରାଣୀ ସତ୍ୟବ୍ରତଙ୍କ ତତ୍ତ୍ୱାବଧାନରେ କର୍ମଚାରୀଙ୍କ ଉପସ୍ଥିତରେ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା। ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଗହଣରେ ମଦ୍ୟ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଇଥିଲା।

## ଜି.ଉଦୟଗିରିରେ ସତ୍ୟବ୍ରତଙ୍କ ପଦଯାତ୍ରା



ସତ୍ୟବ୍ରତଙ୍କ ସହ ଛାତ୍ରୀଛାତ୍ର।

# ଭୀମଭୋଇ ସାମର୍ଥ୍ୟ ଶିବିର

**ହିଞ୍ଜିଳିକାଟୁ,୧୨।୩(ଡି.ଏନ.ଏ)**

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବୁଧବାର ହିଞ୍ଜିଳିକାଟୁ ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏବିଡ଼ିଓ ଅରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ବ୍ଲକ ଅଧ୍ୟକ୍ଷ ଏନ. ରଘୁନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଶିବିରରେ ୨୦୧ ଜଣ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ୪୫ ଜଣଙ୍କୁ ଭତ୍ତା, ୫୧ ଜଣଙ୍କୁ ପରିଚୟ ପତ୍ର, ୩୧ ଜଣଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଥିଲା।

# କରୋନା ସଚେତନତା କାର୍ଯ୍ୟକ୍ରମ




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର

**ଜି.ଉଦୟଗିରି,୧୨।୩(ଡି.ଏନ.ଏ.)**

ଜି.ଉଦୟଗିରି ବ୍ଲକ ରାଇକଲାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର କରୋନା ଭୂତାଣୁ ସମ୍ପର୍କିତ ରୋଗ ଉପରେ ଆଲୋଚନା ହୋଇଥିଲା। କରୋନା ପାଇଁ ଭୟଭୀତ ନୁହେଁ ପ୍ରତିଷେଧକ ଆବଶ୍ୟକ ବୋଲି ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ଛିଙ୍କିବା ଓ କାଶିବାବେଳେ ମୁହଁ ଘୋଡ଼ାଇ ରଖିବା, ଜନଗହଳିପୂର୍ଣ୍ଣ ସ୍ଥାନକୁ ନ ଯିବା, ଆଖି, ନାକ ଓ ପାଟିରେ ବାରମ୍ବାର ହାତ ନ ଲଗାଇବା, ସାବୁନରେ ହାତ ଧୋଇବା, କାଶ ଅଣ୍ଡା ହୋଇଥିଲେ ତୁରନ୍ତ ଡ଼ାକ୍ତରଖାନା ଯାଇ ଡ଼ାକ୍ତରଙ୍କ ପରାମର୍ଶ ନେବା ପାଇଁ ସଚେତନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସହଯୋଗ କରିଥିଲେ। ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରା ମଧ ଅନୁଷ୍ଠିତ ହୋଇଥିଲା।

# ମୁଜାଗଡ଼ ସରପଞ୍ଚଙ୍କ ବିରୋଧରେ ପୁଣି ଅଭିଯୋଗ

**ଭଞ୍ଜନଗର,୧୨।୩(ଡି.ଏନ.ଏ)**



ମୁଜାଗଡ଼ ପଞ୍ଚାୟତବାସୀ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

- ୧୪ରେ ହରତାଳ କରିବେ ଗ୍ରାମବାସୀ
- ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଭଞ୍ଜନଗର ବ୍ଲକ ମୁଜାଗଡ଼ ସରପଞ୍ଚ ଶିବ ଶଙ୍କର ପ୍ରଧାନ ପଞ୍ଚାୟତ ଚାଉଳ ଓ ଗହମ ହେର୍‌ଫେର ମାମଲାରେ ଗିରଫ ହୋଇ ଗତ ୮ ତାରିଖରୁ ଭଞ୍ଜନଗର ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। ଏଭଳି ସ୍ଥିତିରେ ଗୁରୁବାର ମୁଜାଗଡ଼ ପଞ୍ଚାୟତବାସୀ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଭେଟି ସରପଞ୍ଚଙ୍କ ବିରୋଧରେ ଆଉ କେତେକ ନୂଆ ଅଭିଯୋଗ ଆଣିଛନ୍ତି। ଏଥିସହ ଆସନ୍ତା ୧୪ ତାରିଖ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭଞ୍ଜନଗର-ଫୁଲବାଣୀ ମୁଖ୍ୟ ରାସ୍ତାର ମୁଜାଗଡ଼ଠାରେ ହରତାଳ କରାଯିବ ବୋଲି ଲିଖିତ ଭାବେ ଜଣାଇଛନ୍ତି ।

ଅଭିଯୋଗପତ୍ରରେ ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ଶିବ ଶଙ୍କର ସରପଞ୍ଚ ନିର୍ବାଚିତ ହେବା ପରଠାରୁ ପଞ୍ଚାୟତରେ ଦୁର୍ନୀତି କରିଚାଲିଛନ୍ତି । ଏହାର ପ୍ରତିବାଦରେ ୧୪ରେ ହରତାଳ କରାଯିବ। ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଶରତ ପ୍ରଧାନ, ନିଶାକର ଗୌଡ଼, ଜଗଦୀଶ ଦଳବେହେରା, ଶଙ୍କର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ଶାସକଦଳ ଷଡ଼ଯନ୍ତ୍ର କରି ସରପଞ୍ଚଙ୍କୁ ଫସାଇ ଦେଇଥିବା ଦର୍ଶାଇ ଭାଜପା ପକ୍ଷରୁ ମଙ୍ଗଳବାର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସରପଞ୍ଚଙ୍କ ବିରୋଧରେ କରାଯାଇଥିବା ମାମଲା ତୁରନ୍ତ ପ୍ରତ୍ୟାହାର କରିବାକୁ ସେଥିରେ ଉଲ୍ଲେଖ କରାଯାଇଛି। ନଚେତ ଭାଜପା ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ସୂଚାଇଛି । ଦୁଇ ଦଳର ଏଭଳି ଛକାପଞ୍ଝାକୁ ନେଇ ଭଞ୍ଜନଗରରେ ରାଜନୀତି ଜୋର ଧରିଛି ।

ଅନ୍ୟପକ୍ଷରେ ବିଡ଼ିଓ ଅନିଲ ସେଠୀ ଏକ ବିବୃତିରେ କହିଛନ୍ତି ଯେ, ବିଭିନ୍ନ ସମୟରେ ପଞ୍ଚାୟତ ଗୁଡ଼ିକରେ ଯାଞ୍ଚ କରାଯାଉଛି । ୭ ତାରିଖରେ ମୁଜାଗଡ଼ ପଞ୍ଚାୟତରେ ଯାଞ୍ଚ ବେଳେ ଚାଉଳ ହେରଫେର ହୋଇଥିବା ଜଣାପଡ଼ିବାରୁ ସରପଞ୍ଚଙ୍କ ସମେତ ୩ ଜଣଙ୍କ ନାଁରେ ଏତଲା ଦିଆଯାଇଥିଲା। ଏଥିରେ କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ। ତଥାପି ଏହି ଘଟଣାପରେ କେତେଜଣ ବ୍ୟକ୍ତି ଫୋନ କରି ଧମକ ଦେଉଥିବା ବିଡିଓ କହିଛନ୍ତି। ଆଇନ ତା ବାଟରେ ଯିବ ବୋଲି ସେ କହିଛନ୍ତି। ସେପଟେ ହେରଫେର ହୋଇଥିବା ଚାଉଳ କେଉଁଠି ଅଛି ଏବଂ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ପୋଲିସ ତାହାର ଖୋଳତାଡ଼ ଚଳାଇଛି ।

